**ରାମଚରିତ ମାନସ ପାରାୟଣ**

**ଢେଙ୍କାନାଳ ଅଫିସ:** ଗଁଦିଆ ବ୍ଲକ୍ ଦେଓଗାଁ ପଞ୍ଚାୟତ ନାଗେନା ଗ୍ରାମସ୍ଥିତ ଅନନ୍ତ ଆଶ୍ରମରେ ନବଦିନାତ୍ମକ ଶ୍ରୀରାମଚରିତ ମାନସ ଓ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମହାରାଜ, ବୈକୁଣ୍ଠ ଦାସ ମହାରାଜ, ଗୌରହରି ପଣ୍ଡା, ପଣ୍ଡିତ ମାତୃପ୍ରସାଦ ମିଶ୍ର, ସାଧୁସନ୍ଥ ଯୋଗଦେଇଥିଲେ। ଏମ୍ପି ମହେଶ ସାହୁ ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ। ୮ ତାରିଖ ଅନ୍ତିମ ଦିନରେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ସ୍କୁଲ ବସ୍ ଧକ୍କାରେ ମହିଳା ମୃତ

**ଢେଙ୍କାନାଳ ଅଫିସ,୨।୧୨:** ଢେଙ୍କାନାଳ ସହର ଗୁଡ଼ିଆନାଳି ଛକ ତଥା ଟାଉନ ଥାନା ନିକଟରେ ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୭ଟାରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ବସ୍ ଧକ୍କାରେ ରୀନା ସାମଲ (୩୫) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଚାନ୍ଦମାରି ସାହିରୁ ରୀନା ଆସୁଥିବାବେଳେ ଉକ୍ତ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଦୁର୍ଘଟଣା ଘଟାଇ ଚାଳକ ଫେରାର ହୋଇଯାଇଥିବାବେଳେ ଟାଉନ ଥାନା ପୋଲିସ ପହଞ୍ଚି ବସ୍ ଜବତ କରିଛି। ଏହାପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ରୀନାଙ୍କ ଘର ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ହୋଇଥିବାବେଳେ ସେ ଗୁଡିଆନାଳିସ୍ଥିତ ନିଜ ଭଉଣୀଙ୍କ ଘରେ ରହୁଥିବା ପୋଲିସ କହିଛି। ଏ ନେଇ ନଂ. ୬୪୪/୨୨ରେ ଏକ ମାମଲା ରୁଜୁ କରାଯାଇଛି।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ପରଜଙ୍ଗ, ୨।୧୨(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ କଙ୍କଡ଼ାସୋଡ଼ା ହାଇସ୍କୁଲରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ୩୦ ହାଇସ୍କୁଲ ଓ ୫୫ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ୧୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ମୁଖ୍ୟବକ୍ତା ପରଜଙ୍ଗ କଲେଜ ପଦାର୍ଥ ବିଜ୍ଞାନ ଅଧାପକ ବିକାଶ କୁମାର ପ୍ରଧାନ, ସମ୍ମାନିତ ଅତିଥି ବିଡିଓ ସଂଗ୍ରାମ କେଶରୀ ଭୋଳ, ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ ଉପସ୍ଥିତ ରହି ମେଳାକୁ ଉଦ୍‌ଘାଟନ କରିଥିଲେ। କଙ୍କଡାସୋଡ଼ା ହାଇସ୍କୁଲର ଆୟୁଷ ଶେଖର ସିଂ, କୁଲେଇ ତାଲେଶ୍ୱର ବିଦ୍ୟାପୀଠର ନମ୍ରତା ଜେନା, ଆଦର୍ଶ ବିଦ୍ୟାଳୟର କ୍ଷୀରାବ୍ଧୀ ତନ୍ୟା ଦେବତା, କୁମୁସୀ ଉଚ୍ଚବିଦ୍ୟାଳୟର ଦେବବ୍ରତ ସାହୁ, ନାଉପାଳକାଟେଣୀ ମହାପାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁନମ ନାୟକଙ୍କ ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଛି। ଉଦ୍‌ଯାପନୀ ସଭାରେ ବିଇଓ ଦେହୁରୀ, ସରପଞ୍ଚ ଦିବ୍ୟଭାରତୀ ସିଂ, ପ୍ରଧାନ ଶିକ୍ଷକ ଦେବରାଜ ରାଉତ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

### ରୋଗୀଙ୍କୁ ସହାନୁଭୂତି ଦେଖାଅ

**ଢେଙ୍କାନାଳ ଅଫିସ, ୨।୧୨:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଡିଗ୍ରୀ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ଅଧକ୍ଷ ଧରଣୀଧର ବାରିକ ଅଧକ୍ଷତା କରି ରୋଗୀଙ୍କୁ ଘୃଣା ନ କରି ସହାନୁଭୂତି ଦେଖାଇବାକୁ ଆହ୍ୱାନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। କଲେଜର କାଉନ୍‌ସିଲର କୀର୍ତ୍ତି କୌଶିକ ପଣ୍ଡା, ରେଡ୍ ରିବନ୍ କ୍ଲବ କାଉନ୍‌ସିଲର ଅନିଲ କୁମାର ପଣ୍ଡା, ଅଧାପକ ସୁଜିତ କୁମାର ସାମଲ, ଧରଣୀଧର ସେଠୀ, ଶଶଧର ସାହୁ, ଅନ୍ତର୍ଯ୍ୟାମୀ ବେହେରା, ଅଧାପିକା ଅନିତା ଦାସ, ଶୁଭଶ୍ରୀ ରାଉତ, ପ୍ରଜ୍ଞାପାରମିତା, ଗ୍ରନ୍ଥାଗାରିକ କିଶୋରଚନ୍ଦ୍ର ନନ୍ଦ, କିରାଣି ସଚ୍ଚିଦାନନ୍ଦ ଭୁକ୍ତା ପ୍ରମୁଖ ପରିଚାଳନା କରିଥିଲେ। ସରପଞ୍ଚ ଅଜିତ୍ ସିଂଙ୍କ ଉପସ୍ଥିତିରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

# ସମ୍ବଳ ଅଭାବକୁ ଆଳ

■ଭୁଶୁଡ଼ିଛି ପରିମଳ ବ୍ୟବସ୍ଥା, କଲବଲ କଲେଣି ମଶା

■୨୩ ୱାର୍ଡରେ ମଶାତେଲ ସିଞ୍ଚନ ପାଇଁ ଅଛନ୍ତି ୨ଜଣ

■ପୌର କର୍ତ୍ତୃପକ୍ଷ ଅସହାୟ, ତୀବ୍ର ହେଉଛି ଅସନ୍ତୋଷ



**ଢେଙ୍କାନାଳ ଅଫିସ, ୨।୧୨**

‘ଆମର ଯାହା ସମ୍ବଳ ଅଛି, ଆମେ ସେତିକି କରିପାରିବୁ। ଧୀରେ ଧୀରେ ସବୁ ଅଞ୍ଚଳରେ ତେଲ ପଡ଼ିବ, ଧୂଆଁ ଛଡ଼ାଯିବ। ତରବରିଆ ହେଲେ କିଛି କାମ ହୋଇପାରିବ ନାହିଁ।’ ମଶା ଦୌରାତ୍ମ୍ୟରେ କଲବଲ ହେଉଥିବା ଢେଙ୍କାନାଳ ସହରବାସୀଙ୍କ ପାଇଁ କ’ଣ ପଦକ୍ଷେପ ନିଆଯାଇଛି ବୋଲି କରାଯାଇଥିବା ପ୍ରଶ୍ନରେ ଏଭଳି ଉପରଠାଉରିଆ ଉତ୍ତର ଦେଇଛନ୍ତି ପୌର ନିର୍ବାହୀ ଅଧିକାରୀ। ପୌରାଞ୍ଚଳରେ ଭୁଶୁଡ଼ି ପଡ଼ିଥିବା ପରିମଳ ଓ ଡ୍ରେନେଜ୍ ବ୍ୟବସ୍ଥା ମଶାବଂଶ ବୃଦ୍ଧିର ପ୍ରମୁଖ କାରଣ ପାଲଟିଥିବାବେଳେ ସମସ୍ତ ୨୩ ୱାର୍ଡରେ ମଶାତେଲ ସିଞ୍ଚନ ପାଇଁ ନିୟୋଜିତ କରାଯାଇଛି ମାତ୍ର ୨ଜଣ କର୍ମଚାରୀ। ସମ୍ବଳ ଅଭାବକୁ ଆଳ ଦେଖାଇ ପୌର ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ନିଜ ଦାୟିତ୍ୱରୁ ଓହରି ଯାଉଥିବାବେଳେ ମଶା ଉପଦ୍ରବରେ ସହରବାସୀ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ ହେଉଛି।

ଆଦର୍ଶ ସହର ମାନ୍ୟତା ପାଇଛି ଢେଙ୍କାନାଳ। ଜନସଂଖ୍ୟା ୮୦ ହଜାର ଟପିଲାଣି। ହେଲେ ବିପର୍ଯ୍ୟସ୍ତ ପରିମଳ ଓ ଅବ୍ୟବସ୍ଥିତ ଡ୍ରେନେଜ୍ ଅପବାଦରୁ ମୁକୁଳିପାରୁନି ପୌର ପ୍ରଶାସନ। ଏଥିରେ ସୁଧାର ଲାଗି ଯେତେ ଯୋଜନା କରାଯାଉଥିଲେ ମଧ ଦୂରଦୃଷ୍ଟି ଅଭାବରୁ ସବୁ ଫସର ଫାଟୁଛି। ବର୍ଷା ପରେ ଜଳାଶୟଠାରୁ ଆରମ୍ଭ କରି ଡ୍ରେନ୍ ଗଛଲତାରେ ପରିପୂର୍ଣ୍ଣ ହୋଇଛି। ଅଧିକାଂଶ ସ୍ଥାନରେ ପୁରୁଣା ଡ୍ରେନ୍ ଭାଙ୍ଗିରୁଜି ଯାଇଛି। ମଇଳା ପାଣି ନିଷ୍କାସିତ ହୋଇପାରୁନାହିଁ। ଅନ୍ୟ କେତେକ ୱାର୍ଡରେ ଡ୍ରେନ୍ ନ ଥିବାରୁ ଆବର୍ଜନା ପାଣି ଜମିରହୁଛି। ଏସବୁ ମଶାବଂଶ ବଢ଼ିବା ପାଇଁ ପରିବେଶ ସୃଷ୍ଟି କରୁଛି। ସମସ୍ୟା ଅଣାୟତ୍ତ ହୋଇପଡ଼ିଛି। ବିଭିନ୍ନ ମହଲରେ ଅସନ୍ତୋଷ ତୀବ୍ର ହେବା ପରେ ୪ ଦିନ ହେଲା ୨ ଫଗିଂ ମେଶିନ ସହରରେ ଧୂଆଁ ଛାଡୁଛି। ତେବେ ଏହା କେବଳ ସହରର ପ୍ରମୁଖ ରାସ୍ତା, ସାହିରେ ସୀମିତ ରହୁଛି। ଗଳିକନ୍ଦି ଭିତରକୁ ଗାଡ଼ି ପଶୁ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷେ ୨ କର୍ମଚାରୀଙ୍କୁ ସମସ୍ତ ୨୩ ୱାର୍ଡରେ ମଶାତେଲ ସିଞ୍ଚନ କରିବାକୁ କେତେଦିନ ଲାଗିବ ତାହା ଏବେ ଆଲୋଚନା ବିଷୟ ହୋଇଛି। ଅସଜଡ଼ା ପରିମଳ ବ୍ୟବସ୍ଥାକୁ ନେଇ ପୌର କର୍ତ୍ତୃପକ୍ଷ ଅସହାୟ ହୋଇପଡ଼ିଥିବାବେଳେ ସମସ୍ୟା ସମାଧାନର ବାଟ ମିଳୁନାହିଁ।

ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ଜନସ୍ୱାସ୍ଥ୍ୟ) ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କୁହନ୍ତି, ବିଭାଗ ପାଖରେ ଯଥେଷ୍ଟ ପରିମାଣର ମଶାତେଲ ଅଛି। ପୌରସଂସ୍ଥା ପକ୍ଷରୁ ଯେଉଁମାନେ ମଶାତେଲ ପକାଉଛନ୍ତି, ଆମେ ସେମାନଙ୍କୁ ଏହା ଯୋଗାଇ ଦେଉଛୁ। ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର କୁହନ୍ତି, ମଶା ଉପଦ୍ରବ ରୋକିବା ପାଇଁ ୪ ଦିନ ହେଲା ସହରରେ ଧୂଆଁ ଛଡ଼ାଯାଉଛି। ଦୁଇଜଣ କର୍ମଚାରୀ ନାଳନର୍ଦ୍ଦମାରେ ମଶାତେଲ ପକାଉଛନ୍ତି । ଆମର ସମ୍ବଳ ଅନୁଯାୟୀ ଲୋକଙ୍କୁ ନିୟୋଜିତ କରିଛୁ । ଦୁଇଟି ଫଗିଂ ମେଶିନରେ ଧୂଆଁ ଛଡ଼ାଯାଉଥିବା ନିର୍ବାହୀ ଅଧିକାରୀ କହିଛନ୍ତି।

### କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ



ଢେଙ୍କାନାଳ ସହରରେ ମଶା ଉପଦ୍ରବ ଚିନ୍ତାଜନକ ହୋଇଛି। ୩ ବର୍ଷ ହେଲା ମଶା ଧୂଆଁ ଛାଡ଼ିବାକୁ ମେଶିନ ବୁଲୁନାହିଁ। ସନ୍ଧ୍ୟା ହେଲେ ଘରେ ଫ୍ୟାନ ଲଗାଇ ମଧ ବସି ହେଉନାହିଁ । ମଶା ଉପଦ୍ରବ ରୋକିବା ପାଇଁ ପୌର କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦିଅନ୍ତୁ।

-ସୁନୀଲ ଶର୍ମା, ପୂର୍ବତନ ନଗରପାଳ

### ଫିଗ୍ ମେଶିନ ବୁଲୁନାହିଁ



ମଶା ଉପଦ୍ରବ ରୋକିବା ପାଇଁ ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ମିଳିଥିବା ଫିଗ୍ ମେଶିନ ଠିକ୍ ଭାବେ ବୁଲୁନାହିଁ। ନାଳନର୍ଦ୍ଦମା ସଫେଇ ହେଉନାହିଁ କି ମଶାତେଲ ଠିକ୍ ଭାବେ ପଡୁନାହିଁ। ପୌରସଂସ୍ଥା ପକ୍ଷରୁ ଅନୁଧାନ ମଧ କରାଯାଉନାହିଁ।

-ସୁକାନ୍ତ ମିଶ୍ର, ପୂର୍ବତନ କାଉନ୍‌ସିଲର

### ପୌରସଂସ୍ଥା ଫେଲ୍ ମାରିଛି



ପୌର ପରିଷଦ ନିର୍ବାଚନ ପରେ ଲୋକେ ପୌରସଂସ୍ଥା ନିକଟରୁ ବହୁତ କିଛି ବିକାଶମୂଳକ କାମର ଆଶା କରୁଥିଲେ। କିନ୍ତୁ ପରିମଳ ବ୍ୟବସ୍ଥାଠାରୁ ଆରମ୍ଭ କରି ବିଭିନ୍ନ ଜନହିତକର କାର୍ଯ୍ୟରେ ପୌରସଂସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି।

-ସୁରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ନଗରପାଳ

### ପରିବେଶ ସ୍ୱଚ୍ଛ ରଖିବାକୁ କୁହାଯାଇଛି



ସହରରେ ମଶା ଉପଦ୍ରବ ରୋକିବା ପାଇଁ ମେଶିନ ସହାୟତାରେ ଧୂଆଁ ଛଡ଼ାଯାଉଛି। ସମସ୍ତ ୱାର୍ଡରେ ଧୂଆଁ ଛାଡ଼ିବା ସହ ପରିମଳ ବ୍ୟବସ୍ଥା ସ୍ୱଚ୍ଛ ରଖିବା ଲାଗି ନିର୍ବାହୀ ଅଧିକାରୀଙ୍କୁ କୁହାଯାଇଛି।

-ପ୍ରକାଶ ଚନ୍ଦ୍ର କୁଅଁର, ପୌର ଉପାଧକ୍ଷ

### ପୋଲିସ ଅଧିକାରୀଙ୍କୁ ଆକ୍ରମଣ ଘଟଣା

## ଏସ୍‌ଆଇଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର, ଟିଗିରିଆ ଥାନାରେ ମାମଲା

**ଢେଙ୍କାନାଳ ଅଫିସ, ୨।୧୨**

ଏକ ନାବାଳିକା ଅପହରଣ ମାମଲାର ତଦନ୍ତ କରିବାକୁ କଟକ ଜିଲା ଟିଗିରିଆ ଥାନା ପଙ୍କାଳ ଗ୍ରାମକୁ ସାଦା ପୋଷାକରେ ଯାଇଥିବା ଢେଙ୍କାନାଳ ପୋଲିସ ଟିମ୍ ଉପରେ ଗୁରୁବାର ହୋଇଥିବା ଆକ୍ରମଣ ମାମଲାକୁ ଗୁରୁତ୍ୱର ସହ ନିଆଯାଇଛି। ଢେଙ୍କାନାଳ ସଦର ଥାନା ପକ୍ଷରୁ ଶୁକ୍ରବାର ଏ ନେଇ ଟିଗିରିଆ ଥାନାରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀଙ୍କ ମୁଣ୍ଡରେ ୨୫ଟି ଷ୍ଟିଚ୍ ପଡ଼ିଥିବାବେଳେ ସେ ଏବେ କଟକରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଆକ୍ରମଣକାରୀମାନେ ଛଡ଼ାଇନେଇଥିବା ଏସ୍‌ଆଇଙ୍କ ରିଭଲଭରକୁ ଗୁରୁବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଥିବା ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳ ସଦର ଥାନା ଅଧୀନ ଗୁଣ୍ଡିଚାପଡ଼ା ଗ୍ରାମର ଜଣେ ନାବାଳିକାଙ୍କୁ ଭିନ୍ନ ସମ୍ପ୍ରଦାୟର ଜଣେ ନାବାଳକ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ନାବାଳିକାଙ୍କୁ ଉଦ୍ଧାର କରିବାକୁ ପୋଲିସର ଏକ ଟିମ୍ ପଙ୍କାଳ ଗ୍ରାମରେ ଚଢ଼ାଉ କରିଥିବାବେଳେ ଅପହରଣକାରୀ ଭାବିଅଞ୍ଚଳବାସୀ ଏସ୍‌ଆଇ ଚନ୍ଦ୍ରକାନ୍ତଙ୍କୁ ଆକ୍ରମଣ କରିଥିଲେ। ଚଢ଼ାଉ ବେଳେ ସମନ୍ୱୟ ଅଭାବରୁ ଢେଙ୍କାନାଳ ପୋଲିସ ଉପରେ ଏଭଳି ବାରମ୍ବାର ଆକ୍ରମଣ ହେଉଥିବା ଆଲୋଚନା ହେଉଛି।

## ‘ସଂକ୍ରମିତଙ୍କ ପ୍ରତି ସମ୍ବେଦନଶୀଳ ହୁଅ’




ଏଡ୍‌ସ ସଚେତନତା ଶୋଭାଯାତ୍ରାରେ ଛାତ୍ରୀମାନେ।

**ଢେଙ୍କାନାଳ ଅଫିସ, ୨।୧୨**

ଢେଙ୍କାନାଳ ସିନର୍ଜି ନର୍ସିଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ାପଡ଼ା ବ୍ଲକ ସିମିନଇ ଗ୍ରାମରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ଅଜିତ୍ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ। ଏଡ୍‌ସ ଭଳି ମହାମାରୀ ବିରୋଧରେ ସଂଗ୍ରାମ ଜାରିରଖିବା, ସଂକ୍ରମିତଙ୍କ ପ୍ରତି ସମ୍ବେଦନଶୀଳ ହେବା ଏବଂ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ଆହ୍ୱାନ ଦିଆଯାଇଥିଲା। ଆର୍ଥିକ, ସାଂସ୍କୃତିକ ଏବଂ ଆଇନଗତ ଅସମାନତା ଦୂର ହେଲେ ଏଚ୍‌ଆଇଭି ଆକ୍ରାନ୍ତ ସ୍ୱାଭାବିକ ଜୀବନ ଜିଇପାରିବେ ବୋଲି ମତପ୍ରକାଶ ପାଇଥିଲା। ଅଧାପିକା ହିରଣ୍ମୟୀ ସାହୁ, ରାଜଶ୍ରୀ ପ୍ରଧାନ, ଇନ୍ଦ୍ରାଣି ମଣ୍ଡଳ, ଶୁଭଶ୍ରୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଝୁଲନ୍ତା ମୃତଦେହ ଜବତ

**ବଇଣ୍ଡା,୨।୧୨(ଡି.ଏନ.ଏ)**

ଅନୁଗୋଳ ଜିଲା ହଣ୍ଡପା ଥାନା ସରିଗିପାଲିସ୍ଥିତ ଏକ ନାଳ ନିକଟରୁ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟ ଜଣାପଡି ନ ଥିବାବେଳେ ତାଙ୍କୁ କେହି ହତ୍ୟା କରି ଆତ୍ମହତ୍ୟା ରୂପ ଦେବା ପାଇଁ ଗଛରେ ଓହଳାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକଙ୍କ ମୃତଦେହ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ଆଇଆଇସି ନମିତା ନାୟକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ। ଗ୍ରାମରକ୍ଷୀ ସତ୍ୟ ବାଘଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୦/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସଚେତନ କଲେ ସ୍ୱେଚ୍ଛାସେବୀ

**ଢେଙ୍କାନାଳ ଅଫିସ, ୨।୧୨**

ଢେଙ୍କାନାଳ ସଦର ବ୍ଲକ ବଣସିଂହ ଆଞ୍ଚଳିକ ମହାବିଦ୍ୟାଳୟ ପକ୍ଷରୁ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ଯୁବ ରେଡ୍‌କ୍ରସ୍, ଏନଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। କଲେଜ ଅଧକ୍ଷ ଗଗନ ସ୍ୱାଇଁ, ନବୀନ ପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅଧିକାରୀ ସତ୍ୟଶଙ୍କର ଦାସ, ଯୁବ ରେଡ୍‌କ୍ରସ୍ କାଉନ୍‌ସିଲର ଅଶ୍ୱିନୀ କୁମାର ଶତପଥୀ, ରାଜନୀତି ବିଜ୍ଞାନ ଅଧାପକ ଡ. ବଟକୃଷ୍ଣ ଦାସ, କିରାଣି ରମେଶ ଚନ୍ଦ୍ର ବାରିକ ପ୍ରମୁଖ ସହାୟତା କରିଥିଲେ।

# ପ୍ରତିଭା ଦେଖାଇଲେ ପିଲାଏ



ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

**କାମାକ୍ଷାନଗର, ୨।୧୨(ଡି.ଏନ୍.ଏ.)**

### ଜିଲାସ୍ତରୀୟ ସର୍‌ଗିଫୁଲ ମହୋତ୍ସବ

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଆଲୁଅଝରଣ ସେବାଶ୍ରମ ବିଦ୍ୟାଳୟରେ ଶୁକ୍ରବାର ଜିଲାସ୍ତରୀୟ ସର୍‌ଗିଫୁଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅନ୍ୟତମ ଅତିଥି ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ପରମାନନ୍ଦ ପୃଷ୍ଟି, ଜିଲା ଶିକ୍ଷା ନିରୀକ୍ଷକ ପ୍ରଭାତ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚିତ୍ରାଙ୍କନ, ନୃତ୍ୟଗୀତ, ବକ୍ତୃତା ପ୍ରତିଯୋଗିତା ସହିତ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କହିଲେ, ଛାତ୍ରୀଛାତ୍ର ହେଉଛନ୍ତି ଭବିଷ୍ୟତ। କେବଳ ପାଠପଢ଼ାରେ ସୀମିତ ନ ରହି ନିଜ ଭିତରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଜିଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, କାମାକ୍ଷାନଗର ବିଡିଓ ବିକାଶ କୁମାର ମହାନ୍ତି, ଉପଖଣ୍ଡ ସମାଜ ମଙ୍ଗଳ ଅଧିକାରୀ କିରଣ ନାୟକ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସ୍ମିତାରାଣୀ ଜେନା, ପ୍ରଧାନ ଶିକ୍ଷକ ଦୋଳଗୋବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗଠନମୂଳକ କାର୍ଯ୍ୟରେ ସାମିଲ ହୁଅ



**ଭୁବନ, ୨।୧୨(ଡି.ଏନ୍.ଏ.)**

ଭୁବନ ବାଜି ରାଉତ ସ୍ମୃତି କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଯୁକ୍ତ ୩ ପ୍ରଥମ ବର୍ଷ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଜନୀତି ବିଜ୍ଞାନ ବରିଷ୍ଠ ଅଧାପକ ହିମାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବା ସହ ଗଠନମୂଳକ କାର୍ଯ୍ୟରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧାପକ ବାସୁଦେବ ସାହୁ ଅଧକ୍ଷତା କରିଥିବାବେଳେ ଅଧାପକ କରୁଣାକର ରାଉଳ, ପାର୍ଥ ସ୍ୱାଇଁ, ସଞ୍ଜୟ ପରିଡ଼ା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୬୩ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଭୁବନ, ୨।୧୨(ଡି.ଏନ୍.ଏ.)**



ଏମ୍‌ପି ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଭୁବନ ବ୍ଲକସ୍ତରୀୟ ବିଜ୍ଞାନମେଳା ସ୍ଥାନୀୟ ନୂଆଭୁବନ ନୋଡାଲ ହାଇସ୍କୁଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ମୁଖ୍ୟବକ୍ତା ପଣ୍ଡିତ ମାତୃପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବ୍ଲକ ଅଧକ୍ଷା ସିପ୍ରା ବରାଳ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ନୋଡାଲ ଅଫିସର ଖଗେଶ୍ୱର ବେହେରା, ବିଆର୍‌ସିସି ରାଜଲକ୍ଷ୍ମୀ ଟୁଡୁ, ଏବିଇଓ ସୁମତି ପ୍ରଧାନ, ପ୍ରଧାନ ଶିକ୍ଷକ ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ବିଭାଗରେ ୨୯, କନିଷ୍ଠ ବିଭାଗରେ ୩୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଶାନ୍ତ କୁମାର ବିକ୍ରମସିଂ, ଇତିଶ କୁମାର ବରାଳ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ବିଭାଗରେ ନୂଆ ଭୁବନ ହାଇସ୍କୁଲର ଶ୍ରଦ୍ଧାଞ୍ଜଳି ସାଠୁଆମହାପାତ୍ର ପ୍ରଥମ, ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ରୁଦ୍ରନାରାୟଣ ସାହୁ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି କନିଷ୍ଠ ବର୍ଗରେ ଏକତାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତ୍ରିଶାରାଣୀ ଦାସ ପ୍ରଥମ, ଗରୁଡ଼ବନ୍ଧୀ ୟୁପି ସ୍କୁଲର ସୌମ୍ୟଜିତ୍ ବରାଳ ଦ୍ୱିତୀୟ ଏବଂ ମଠକରଗୋଳା ୟୁପି ସ୍କୁଲର ସୌମ୍ୟାଶ୍ରୀ ଲେଙ୍କା ତୃତୀୟ ସ୍ଥାନ ହାସଲ କରିଛନ୍ତି। ସ୍କୁଲ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀ ସମସ୍ତଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲଙ୍କ ଅଧକ୍ଷତାରେ ସହକାରୀ ଶିକ୍ଷକ ଗୁରୁପ୍ରସାଦ ମିଶ୍ରଙ୍କ ସମେତ ସ୍କୁଲର ସମସ୍ତ କର୍ମଚାରୀ ବିଜ୍ଞାନମେଳାକୁ ପରିଚାଳନା କରିଥିଲେ।

# ବୁଝାମଣାରେ ବିବାଦ ତୁଟାଇବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୨।୧୨**

ମହିମାଧର୍ମର ପ୍ରମୁଖ ପୀଠ ଯୋରନ୍ଦା ଗାଦିମନ୍ଦିରର ତୃତୀୟ ବେଢ଼ା ପରିସରରୁ ଉଚ୍ଛେଦ କରାଯାଇଥିବା କୌପୀନଧାରୀ ମହିମା ସମାଜର ଉପାସନା ସ୍ଥଳକୁ ଶୁକ୍ରବାର ଅପରାହ୍ନରେ ପରିଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସେ କୌପୀନଧାରୀ ଏବଂ ବଳ୍କଲଧାରୀ ମହିମା ସାଧୁସନ୍ଥଙ୍କ ସହ ଆଲୋଚନା କରିଛନ୍ତି। ଆପୋସ ବୁଝାମଣା ମାଧମରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିବାକୁ ସେ ଉଭୟ ଗୋଷ୍ଠୀକୁ ପରାମର୍ଶ ଦେଇଛନ୍ତି।



କେନ୍ଦ୍ରମନ୍ତ୍ରୀ କୌପୀନଧାରୀ ସାଧୁସନ୍ଥଙ୍କ ସହ ଆଲୋଚନା କରୁଛନ୍ତି।

ଆଲୋଚନା ପରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଲେ, ମହିମା ସ୍ୱାମୀଙ୍କ ବାର୍ତ୍ତା ସନ୍ଥକବି ଭୀମ ଭୋଇଙ୍କ ଦ୍ୱାରା ପ୍ରଚାର ଯୋଗୁ ଅନେକ ଅନୁଗାମୀ ଏହି ଆଧାତ୍ମିକ ଦୁନିଆ ସହର ଯୋଡ଼ିହୋଇଛନ୍ତି। ମହିମା ସ୍ୱାମୀଙ୍କ ଅମୂଲ୍ୟ ବାର୍ତ୍ତା ଏବଂ ଉକ୍ତି ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ଏଭଳି ଦୁର୍ଲଭ ସମ୍ପତ୍ତିକୁ ସୁରକ୍ଷିତ ଦେବା ଏବଂ ଆଗାମୀ ପିଢ଼ି ପାଇଁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ପୂଜ୍ୟ ସନ୍ଥମାନେ ବହୁ ଗୁଣିଜ୍ଞାନୀ ବ୍ୟକ୍ତି ବିଶେଷ। ଆପୋସ ଆଲୋଚନା ମାଧମରେ ଏହି ବିବାଦ ତୁଟାଇବା ଉଚିତ ବୋଲି କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ବଳ୍କଲଧାରୀ ମହିମା ସମାଜ ସନ୍ନ୍ୟାସୀ ବାବା ସୁବ୍ରତ ଦାସ କହିଲେ, ଜାଗା ବିଷୟରେ ବିବାଦ ଆଇନଗତ ଥିଲା। ଆସନ୍ତା ମାଘମେଳାରେ ପ୍ରଧାନମନ୍ତ୍ରୀଙ୍କୁ ଅତିଥି ରୂପେ ଆମନ୍ତ୍ରଣ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ଉଚ୍ଛେଦ ଘଟଣାକୁ ନେଇ କୌଣସି ପ୍ରସଙ୍ଗ ଉଠି ନ ଥିଲା ବୋଲି ସେ କହିଛନ୍ତି। ସେହିପରି କୌପୀନଧାରୀ ମହିମା ସମାଜର ମୁଖ୍ୟ ବାବା ଶ୍ରୀମଦ୍ ରଘୁନାଥ ଦାସ କୁହନ୍ତି, ମହିମା ଗୋସାଇଁ ପତିତ ଉଦ୍ଧାର ପାଇଁ ଏହି ଧର୍ମ ପ୍ରଚାର କରିଥିଲେ। ଏହି ଧର୍ମରେ ଉଚ୍ଚନୀଚ ଭେଦଭାବ ନାହିଁ। ମାଘ ମେଳାକୁ ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ ସମ୍ପର୍କରେ ପଚରାଯିବାରୁ ସେ କହିଲେ, ଏ ସଂକ୍ରାନ୍ତରେ ଆମ ସହ କୌଣସି ଆଲୋଚନା ହୋଇନାହିଁ କିମ୍ବା ଏ ବିଷୟରେ ଜାଣିନାହୁଁ। ଉପାସନା ପୀଠ ଭଙ୍ଗାଯିବା ସଂକ୍ରାନ୍ତ କାଗଜପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଦେଖାଯାଇଥିଲା। ଏଥିସହ ବିକଳ୍ପ ଥଇଥାନ ବ୍ୟବସ୍ଥା କରାଯିବା ନିମନ୍ତେ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଛନ୍ତି।

### ମହିମାଗାଦି ଉଚ୍ଛେଦ ସ୍ଥଳରେ କେନ୍ଦ୍ରମନ୍ତ୍ରୀ

କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ମହେଶ ସାହୁ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଜିଲା ଯୁବମୋର୍ଚ୍ଚା ସଭାପତି ଏମ୍.ଜେ. ଯଶୋବନ୍ତ ମହିମା, ପଦ୍ମଭୂଷଣ ସାହୁ, ସତ୍ୟନାରାୟଣ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଯୋରନ୍ଦା ଗସ୍ତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଢେଙ୍କାନାଳ ବାଜିଚୌକସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ସଂକ୍ଷେପରେ

### ଚଳନ୍ତା ଟ୍ରେନ୍‌ରୁ ଖସି ଯୁବକ ମୃତ

ଅନୁଗୋଳ ଅଫିସ, ୨।୧୨: ଅନୁଗୋଳ ଜିଲା ଚାଇଁପାଳ ନିକଟରେ ଏକ ଚଳନ୍ତା ଟ୍ରେନ୍‌ରୁ ଖସି ପଡ଼ିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳିପାରି ନାହିଁ। ତାଳଚେର ରେଲୱେ ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଶୁକ୍ରବାର ଭୋର ସମୟରେ ଚାଇଁପାଳ ନିକଟରେ ଥିବା ଟ୍ରାକ୍‌ରେ ଜଣେ ଯୁବକ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ରେଳ କର୍ମଚାରୀ ଦେଖିଥିଲେ। ଏହାପରେ ତୁରନ୍ତ ରେଳ ସୁରକ୍ଷା ବାହିନୀ ପକ୍ଷରୁ ତାଙ୍କୁ ଆମ୍ବୁଲାନ୍ସରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସା ଚାଲିଥିବା ସମୟରେ ଯୁବକଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତକଙ୍କ ବାମ ପାର୍ଶ୍ୱ ଗୋଡ଼ କଟିଯାଇଥିବାବେଳେ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା।

### ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୨।୧୨ (ଡି.ଏନ.ଏ.): ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଡିସେମ୍ବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଓ ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେବେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୫ ତାରିଖ ସୋମବାର ପୂର୍ବାହ୍ନ ୧୦ ଘଟିକାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ୧୨ ତାରିଖ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟ, ୧୯ ତାରିଖ ପୂର୍ବାହ୍ନ ୧୦ଟାରେ ତାଳଚେର ବ୍ଲକ କାର୍ଯ୍ୟାଳୟ ଓ ୨୬ ତାରିଖ ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ତରଫରୁ ଜଣାଇ ଦିଆଯାଇଛି।

# ଧାରଣାରେ ଅଙ୍ଗନୱାଡ଼ି କର୍ମଚାରୀ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମଚାରୀମାନେ ଧାରଣାରେ ବସିଛନ୍ତି।

ଅନୁଗୋଳ ଅଫିସ, ୨।୧୨

୮ ଦଫା ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଶୁକ୍ରବାର ପୂର୍ବାହ୍ନରେ ଅନୁଗୋଳ ଷ୍ଟାଡ଼ିୟମରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଦୀର୍ଘ ଦିନ ହେବ କର୍ମଚାରୀ ଓ ସହାୟିକାଙ୍କ ଦାବି ସରକାର ପୂରଣ କରୁ ନ ଥିବାରୁ ସେମାନେ ଧାରଣାରେ ବସିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି, ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କାର ହୋଇଥିବା ୬ ଅଙ୍ଗନୱାଡ଼ି କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ସରକାରୀ ମାନ୍ୟତା ପ୍ରଦାନ, ଘୋଷଣା କରା ନ ଯିବା ପର୍ଯ୍ୟନ୍ତ ମାସିକ ୧୮ ହଜାର ଟଙ୍କା, ସହାୟିକାଙ୍କୁ ୨ ହଜାର ଟଙ୍କା ପ୍ରଦାନ, ଇଏସ୍‌ଆଇ ଓ ଗ୍ରାଚ୍ୟୁଇଟି ପ୍ରଦାନ ଆଦି ଦାବି କରାଯାଇଛି।

# ଦାୟିତ୍ୱ ନେଲେ ନାଲ୍‌କୋର ନୂଆ ଇଡି

ବଣ୍ଡଁରପାଳ, ୨।୧୨ (ଡି.ଏନ.ଏ.)



ଭୀମସେନ ପ୍ରଧାନ।

ଅନୁଗୋଳ ଜିଲା ନାଲ୍‌କୋର ନୂଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ନିଯୁକ୍ତି ପାଇଥିବା ଭୀମସେନ ପ୍ରଧାନ ଶୁକ୍ରବାର ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସଠାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଏସ୍ ଆଣ୍ଡ ପି କମ୍ପ୍ଲେକ୍ସର କର୍ମଚାରୀଗଣ, ସମସ୍ତ ୟୁନିୟନ ସଦସ୍ୟ, କଣ୍ଟ୍ରାକ୍ଟର ସଂଘ କର୍ମକର୍ତ୍ତା ନୂଆ ଇଡିଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ପୂର୍ବରୁ ପ୍ରଧାନ ନାଲ୍‌କୋ ଦାମନଯୋଡିଠାରେ ଜିଜିଏମ୍ ଭାବେ କାର୍ଯ୍ୟରତ ଥିଲେ। ଏନ୍‌ଆଇଟି ରାଉରକେଲାରୁ କେମିକାଲ ଇଞ୍ଜିନିୟରିଂରେ ସ୍ନାତକ ହାସଲ କରିଥିବା ପ୍ରଧାନ ନାଲ୍‌କୋରେ ଇଞ୍ଜିନିୟର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ଦୀର୍ଘ ୩୭ ବର୍ଷ ଧରି ସେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଭାରତ ସରକାରଙ୍କ ତରଫରୁ ଏକ ଆନ୍ତର୍ଜାତିକ ବ୍ୟବସାୟିକ ବିବାଦର ସମାଧାନ ଦିଗରେ ଗଠନ କରାଯାଇଥିବା ଏକ୍ସପର୍ଟ କମିଟିରେ ସେ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ।






# ତତ୍ପରତାର ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ

ଅନୁଗୋଳ ଅଫିସ, ୨।୧୨ (ଡି.ଏନ.ଏ.)

### ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁଗୋଳ ଗସ୍ତ

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ଶୁକ୍ରବାର ଅନୁଗୋଳ ଜିଲା ଗସ୍ତରେ ଆସି ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ନିରୀକ୍ଷଣ କରିଥିଲେ। ସରକାରଙ୍କ ଜନହିତକର ଯୋଜନାଗୁଡିକ କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଇପାରିବ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ତତ୍ପରତାର ସହ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କିପରି ଅଧିକ ଛାତ୍ରୀଛାତ୍ର ଏ-୧, ଏ-୨ ଗ୍ରେଡ୍‌ରେ ପାସ୍ କରିପାରିବେ, ସେଥିପାଇଁ ଜିଲା ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କୁ ବିଭିନ୍ନ ପଦକ୍ଷେପ ନେବା ସହିତ ମେଧାବୀ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱତନ୍ତ୍ର କୋଚିଂ ବ୍ୟବସ୍ଥା କରାଇବାକୁ ପରାମର୍ଶ ଦେଇଥିଲେ। ଢେଙ୍କାନାଳ - ଅନୁଗୋଳ ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକର ସମସ୍ୟା ଏବଂ ନୂତନ ରାସ୍ତା କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବଣ୍ଡଁରପାଳ-ପାଲଲହଡା ରାସ୍ତାର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗର ସମସ୍ତ ସବ୍‌ସେଣ୍ଟରରେ ପାନୀୟ ଜଳ ଯୋଗାଣ ଓ ବିଜୁଳି ସଂଯୋଗୀକରଣ ଉପରେ ରାଜସ୍ୱ କମିଶନର ଆଲୋକପାତ କରିଥିଲେ। କୃଷି, ମତ୍ସ୍ୟ, ଜଳ ବିଭାଜିକା, ଉଦ୍ୟାନ ବିଭାଗ ଓ ଜଳସେଚନ ଆଦି ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ବିଭାଗୀୟ ଅଧିକାରୀମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲାପାଳ ବଇଦୁରା ଦିପ, ତାଳଚେର ଉପଜିଲାପାଳ ବିଶ୍ୱ ରଞ୍ଜନ ରଥ, ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ପାଲଲହଡା ଉପଜିଲାପାଳ ସୁଶାନ୍ତ କୁମାର ପତି, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଓ ସମସ୍ତ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।



















